# ପଥକୁ ଫେରିବ ପଥୋତ୍ସବ

## ଅନୁଧ୍ୟାନ କଲେ ଉପଜିଲାପାଳ

■ରବିବାର ରାହାଗିରିକୁ ନେଇ ଯୁବପିଢ଼ି ଉତ୍ସାହିତ
■ନୃତ୍ୟ, ସଙ୍ଗୀତରେ ଝୁମିବେ ଅନୁଗୋଳ ଜିଲାବାସୀ
■ଆଠମଲ୍ଲିକ, ତାଳଚେର ଓ ପାଲଲହଡ଼ାରେ ପ୍ରଥମ

ଅନୁଗୋଳ ଅଫିସ,୧୬ା୧୨

୨୦୨୩ ଏପ୍ରିଲ ୧ରେ ୩୦ ବର୍ଷରେ ପଦାର୍ପଣ କରିବ ଅନୁଗୋଳ ଜିଲା। ଏହାକୁ ସ୍ୱତନ୍ତ୍ର ତଥା ସ୍ମରଣୀୟ କରିବାକୁ ବହୁ ପୂର୍ବରୁ ଯୋଜନା କରିସାରିଛି ଜିଲା ପ୍ରଶାସନ। ତଦନୁଯାୟୀ ଚଳିତ ଡିସେମ୍ବରରୁ ଆରମ୍ଭ ହୋଇଯାଇଛି ବିଭିନ୍ନ ଉତ୍ସବ, ମହୋତ୍ସବ। ଏହାକୁ ନେଇ ଉତ୍ସାହିତ ହୋଇପଡ଼ିଛନ୍ତି ଜିଲାବାସୀ। ଗତ ୧୧ ତାରିଖ ମିନି ମାରାଥନରେ ହିଁ ଦେଖିବାକୁ ମିଳିଥିଲା ଏହାର ଝଲକ। ସେହିପରି ଆସନ୍ତା ୧୮ ତାରିଖ ରବିବାର ଜିଲାରେ ହୋଇଛି ରାହାଗିରି ଆୟୋଜନ। ଅନୁଗୋଳ ସହିତ ପ୍ରଥମ କରି ଆଠମଲ୍ଲିକ, ପାଲଲହଡ଼ା ଓ ତାଳଚେର ଉପଖଣ୍ଡରେ ଏହି ପଥ ଉତ୍ସବରେ ସାମିଲ ହେବେ ଲୋକେ। ଇତିମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବାରୁ ଏହାର ମଜା ନେବାକୁ ଅପେକ୍ଷା କରିଛନ୍ତି ସମସ୍ତେ।

୨୦୧୭ ମସିହାଠାରୁ ଅନୁଗୋଳରେ ଆରମ୍ଭ ହୋଇଥିଲା ରାହାଗିରି। ହେଲେ କରୋନା କାରଣରୁ ଏହା ୨ ବର୍ଷ ବନ୍ଦ ରହିଥିଲା। ତେବେ ଜିଲାର ୩୦ ତମ ଜନ୍ମୋତ୍ସବ ପାଳନ ହେବାକୁ ଯାଉଥିବା ବେଳେ ଏହାର ପୁନଃ ଆୟୋଜନ ଜିଲାବାସୀଙ୍କ ମନକୁ ଖସିରେ ଭରିଦେଇଛି। ଅନୁଗୋଳ ସହର ଜଗନ୍ନାଥ ମନ୍ଦିର ଠାରୁ ବିଇଡି କଲେଜ ପର୍ଯ୍ୟନ୍ତ ରାସ୍ତାରେ ଏହି ପଥ ଉତ୍ସବ ଆୟୋଜିତ ହେବ। ଜଗନ୍ନାଥ ମନ୍ଦିର ସମ୍ମୁଖରେ ନୃତ୍ୟସଙ୍ଗୀତ ପାଇଁ ମଣ୍ଡପ କରାଯାଇଛି। ଏଠାରେ ଜିଲା ଓ ଓଲିଉଡର କଳାକାରମାନେ ସେମାନଙ୍କ କଳା ପରିବେଷଣ କରିବେ। ଏଥିସହ ଅନୁଗୋଳ ମାଟିର କାରିଗରି ଓ ସମରକଳା ଶୈଳୀ ମଧ୍ୟ ପ୍ରଦର୍ଶନ କରାଯିବ। ରାସ୍ତା ଉପରେ ଭଳିକି ଭଳି ରଙ୍ଗୋଲି ଓ ଝୋଟି ଲୋକଙ୍କ ମନ ମୋହିବ। ପେପର କ୍ରାଫ୍ଟ, ପେଣ୍ଟିଂ, ବିଜ୍ଞାନ ପ୍ରକଳ୍ପ, ବର୍ଜ୍ୟବସ୍ତୁରୁ ନିର୍ମାଣ ହୋଇଥିବା ଅନେକ ସାମଗ୍ରୀ ନିଶ୍ଚିତ ଜିଲାବାସୀଙ୍କୁ ଭଲ ଅନୁଭୂତି ଦେବ। ଏଥିସହ ବିଲୁପ୍ତପ୍ରାୟ କେନ୍ଦରା, ଖଞ୍ଜଣି ଆଦି ବାଦ୍ୟଯନ୍ତ୍ର ବଜାଇ କଳାକାରମାନେ ଲୋକଙ୍କୁ ଆକୃଷ୍ଟ କରିବାର କାର୍ଯ୍ୟକ୍ରମ ରହିଛି। ମହିଳାଙ୍କ ସଂକୀର୍ତ୍ତନ, ଦିବ୍ୟାଙ୍ଗଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ, ଶିଶୁଙ୍କ ମଧ୍ୟରେ ସୁନ୍ଦର ପୋଷାକ ପରିଧାନ ପ୍ରତିଯୋଗିତା ଆଦି ଲୋକେ ଦେଖିବାକୁ ପାଇବେ। ତେବେ ସବୁଠାରୁ ଆକର୍ଷଣୀୟ ହେବ ନୃତ୍ୟ କାର୍ଯ୍ୟକ୍ରମ। ନିର୍ମାଣ ହୋଇଥିବା ମଣ୍ଡପରେ ସୋଲ ଡ୍ୟାନ୍ସ, ଗ୍ରୁପ୍ ଡ୍ୟାନ୍ସ, ଷ୍ଟାଣ୍ଡଅପ୍ କମେଡି, ଟାଏକୋଣ୍ଡୋ ଆଦି ଦେଖିବାକୁ ମିଳିବ। କେବଳ ଅନୁଗୋଳ ନୁହେଁ, ଏଥର ନୂତନ କରି ଆଠମଲ୍ଲିକ ଉପଖଣ୍ଡର ଗାନ୍ଧୀ ଛକ ଠାରୁ ବସଷ୍ଟାଣ୍ଡ ଯାଏ ରାହାଗିରି ଅନୁଷ୍ଠିତ ହେବ। ପାଲଲହଡାର ସତ୍‌ସଙ୍ଗ ବିହାର ଓ ତାଳଚେରର ପ୍ରାଚୀନ ରାଜବାଟି ସମ୍ମୁଖରେ ମଧ୍ୟ ପଥୋତ୍ସବର ମଜା ନେଇପାରିବେ ଅଞ୍ଚଳବାସୀ।



ଅନୁଗୋଳ ଉପଖଣ୍ଡ ତଥା ଜିଲା ମୁଖ୍ୟାଳୟରେ ହେବାକୁ ଥିବା ପଥୋତ୍ସବ କିପରି ସଫଳତାର ସହ ସମ୍ପନ୍ନ ହେବ, ସେ ନେଇ ଉପଜିଲାପାଳ ବୈଦ୍ୟୁରା ଦୀପ ଦାୟିତ୍ୱ ନେଇଛନ୍ତି। ତେଣୁ ଏହାର ପ୍ରସ୍ତୁତି ଅନୁଧ୍ୟାନ ପାଇଁ ଉପଜିଲାପାଳ ଶୁକ୍ରବାର ପୂର୍ବାହ୍ନରେ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବିଇଡି କଲେଜ ପର୍ଯ୍ୟନ୍ତ ବୁଲି ଦେଖିଥିଲେ। ତାଙ୍କ ସହ ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କା, ଡେପୁଟି କଲେକ୍ଟର ଅମ୍ଳାନ ଅପରାଜିତା ମିଶ୍ର, ବବିତା ମିଶ୍ର, ଅନୁଗୋଳ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ସଦର ରାଜସ୍ୱ ନିରୀକ୍ଷକ ସୁବ୍ରତ ସାହୁଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

**ରାସ୍ତାକୁ ରଙ୍ଗେଇବ ରଙ୍ଗୋଲି। ଝଟକାଇବ ଝୋଟି। ଯାନ ବଦଳରେ ଥିବେ ଜନସାଧାରଣ। କିଏ ସଂକୀର୍ତ୍ତନ ତ ଆଉ କିଏ ମାତିଥିବେ ଯୋଗରେ। କଳା ପ୍ରଦର୍ଶନ କରୁଥିବେ କଳାକାର। ନୃତ୍ୟ, ଗୀତର ତାଳେ ତାଳେ ଝୁମୁଥିବେ ଯୁବପିଢ଼ି। ଆସନ୍ତା ରବିବାର ସକାଳୁ ଅନୁଗୋଳ ଜିଲାରେ ଦେଖିବାକୁ ମିଳିବ ଏପରି ଦୃଶ୍ୟ। କାରଣ ପଥକୁ ପୁଣି ଫେରୁଛି ପଥୋତ୍ସବ।**

### ଭରପୂର ମଜା ଉଠାଇବା ଆଶା



ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନରେ ରାହାଗିରି ଅନୁଷ୍ଠିତ ହେବାକୁ ଯାଉଛି। ଅନୁଗୋଳ ସହରରେ ହେବାକୁ ଥିବା ଏହି ପଥୋତ୍ସବରେ ଅନୁଗୋଳ, ଛେଣ୍ଡିପଦା ଓ ବଅଁରପାଳ ବ୍ଲକର ଜନ ସାଧାରଣ ଯୋଗଦେଇ ଭରପୂର ମଜା ଉଠାଇବେ ବୋଲି ଆଶା କରାଯାଉଛି।

-ବୈଦ୍ୟୁରା ଦୀପ, ଉପଜିଲାପାଳ, ଅନୁଗୋଳ

### ଖୁବ୍ ଆକର୍ଷଣୀୟ ହେବ



ଅନୁଗୋଳରେ ପୁଣି ରାହାଗିରିର ଆୟୋଜନ। ଏହି ଖବର ଶୁଣିବା ପରଠାରୁ ଅତି ଉତ୍ସାହିତ ହୋଇପଡ଼ିଛି। କେବଳ ରବିବାର ସକାଳକୁ ଅପେକ୍ଷା କରିଛି। ଶୀତୁଆ ସକାଳେ ରାସ୍ତା ଉପରେ ସହସ୍ରାଧିକ ଲୋକଙ୍କ ମେଳରେ ଉତ୍ସବ ପାଳନ ଖୁବ୍ ଆକର୍ଷଣୀୟ ହେବ।

-ମଧୁସ୍ମିତା ରାଉତ, ଛାତ୍ରୀ, ଅନୁଗୋଳ

### ଆତୁର ହୋଇପଡ଼ିଛି



୨ ବର୍ଷ ପରେ ହେବାକୁ ଯାଉଥିବା ପଥୋତ୍ସବରେ ସାମିଲ ହେବାକୁ ଆତୁରତାର ସହ ଅପେକ୍ଷା କରି ରହିଛି। ବହୁ ସଂଖ୍ୟକ କଳାକାର ଏକାଠି ହୋଇ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଥିବାରୁ ଏହା ଦେଖିବାର ସୁଯୋଗ ନିଶ୍ଚିତ ସମସ୍ତେ ନେବା ଉଚିତ।

- କଳ୍ପନା ନାଏକ, ଛାତ୍ରୀ, ଅନୁଗୋଳ

### କେହି ମିସ୍ କରିବାକୁ ଚାହିଁବେନି



ଗୋଟିଏ ମଞ୍ଚରେ ହେବ ନୃତ୍ୟ। ସଙ୍ଗୀତ ପରିବେଷଣ ସହ କମେଡି ଦେଖିବାର ସୁଯୋଗ ମିଳିବ। ତେଣୁ ଏପରି ଏକ ଉତ୍ସବକୁ ମିସ୍ କରିବାକୁ କେହି ଚାହିଁବେ ନାହିଁ। ସକାଳୁ ଏହାର ଆୟୋଜନ ସମସ୍ତଙ୍କୁ ଅଧିକ ଭଲ ଲାଗିବ।

-ନାନ୍‌ସୀ ବିଶ୍ୱାଳ, ଛାତ୍ରୀ, ଅନୁଗୋଳ

### ଯୁବପିଢ଼ିଙ୍କ ପାଇଁ ଶିକ୍ଷଣୀୟ ହେବ



ସକାଳର ଶାନ୍ତ ଶୀତଳ ପରିବେଶକୁ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନଛୁଆଁ ହେବ। ରଙ୍ଗୋଲି, ଝୋଟି, ବିଜ୍ଞାନ ପ୍ରକଳ୍ପ ସହ ବର୍ଜ୍ୟବସ୍ତୁରୁ ଘରକରଣା ସାମଗ୍ରୀ ତିଆରି କୌଶଳ ନିଶ୍ଚିତ ଆକର୍ଷଣୀୟ ହେବ। ଏଥିରୁ ଯୁବପିଢ଼ିଙ୍କୁ ଅନେକ କିଛି ଶିକ୍ଷା ମିଳିବ।

-ପ୍ରିୟଦର୍ଶିନୀ ଗଡ଼ନାୟକ, ଛାତ୍ରୀ, ଅନୁଗୋଳ

### ଉପଖଣ୍ଡଗୁଡ଼ିକରେ ଆୟୋଜନ ପ୍ରଶଂସନୀୟ



ଅନୁଗୋଳ ସହର ପରି ଜିଲାର ବିଭିନ୍ନ ଉପଖଣ୍ଡରେ ପଥ ଉତ୍ସବର ଆୟୋଜନ ବେଶ୍ ପ୍ରଶଂସନୀୟ। ପୂର୍ବରୁ ଏହି ଉତ୍ସବ କେବଳ ଅନୁଗୋଳରେ ସୀମିତ ରହିଥିଲା। ଏବେ ଜିଲାର କୋଣ ଅନୁକୋଣରେ ଏହା ପହଞ୍ଚିପାରିଥିବାରୁ ସମସ୍ତେ ନିଶ୍ଚିତ ସ୍ୱାଗତ କରିବେ।

-ମିତାଲି ସାମଲ, ଅନୁଗୋଳ

## ସଂକ୍ଷେପରେ

### କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼, ୨ ଗିରଫ

**ଆଠମଲ୍ଲିକ, ୧୬ା୧୨ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀ ସନ୍ଦୀପ ବେହେରାଙ୍କୁ ଗାଳି, ମାଡ ମାରିବା ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କନିଷ୍ଠ ଯନ୍ତ୍ରୀ ଏତଲାରେ ଦର୍ଶାଇଛନ୍ତି, ଗତ ମଙ୍ଗଳବାର ସେ ବ୍ଲକ କାର୍ଯ୍ୟାଳୟରେ ଥିବାବେଳେ ହିମାଂଶୁ ଶେଖର ପ୍ରଧାନ ଓ ଉପେନ୍ଦ୍ର ବେହେରା ତାଙ୍କୁ ଜାତିଆଣ ଆକ୍ଷେପ, ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଘଟଣା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା ମଧ୍ୟ ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ଘଟଣାର ତଦନ୍ତ ପାଇଁ ଅନୁଗୋଳ ଅତିରିକ୍ତ ପୋଲିସ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଆଠମଲ୍ଲିକ ଥାନାରେ ପହଞ୍ଚି କନିଷ୍ଠଯନ୍ତ୍ରୀଙ୍କୁ ପଚରାଉଚୁରା କରିଥିଲେ। ପରେ ଅଟକ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଭାଇଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୧୬ା୧୨ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନମାଳୀପୁର ଗ୍ରାମର ନକୁଳ ଦେହୁରୀଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ନିରାକାର ଦେହୁରୀ ଗୁରୁବାର ମାଡ଼ ମାରିଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ନକୁଳ ଏକ ସିମେଣ୍ଟ ଖୁଣ୍ଟ ବନାଉଥିବା ବେଳେ ନିରାକାର ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ନିରାକାର ଉତ୍‌କ୍ଷିପ୍ତ ହୋଇ ନକୁଳଙ୍କୁ ମାଡ଼ ମାରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

### ନାବାଳିକା ନିଖୋଜ ଅଭିଯୋଗ

**ବଇଣ୍ଡା, ୧୬ା୧୨ (ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଯାଇଥିବା ପରିବାର ଲୋକେ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ନମ୍ବର ୩୩୧/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସମ୍ପୃକ୍ତା ନାବାଳିକା ଗତ ୧୨ ତାରିଖରୁ ଘରୁ କେଉଁ ଆଡେ ପଳାଇଯାଇଛନ୍ତି। ତାଙ୍କୁ ପରିବାର ଲୋକେ ଖୋଜାଖୋଜି କରିବା ପରେ ନ ପାଇବାରୁ ଥାନାରେ ଅଭିଯୋଗ କରିଛନ୍ତି।

### ଚୋରି ଅଭିଯୋଗରେ ୨ ଗିରଫ

**କଣିହାଁ, ୧୬ା୧୨ (ଡି.ଏନ.ଏ.):** କଣିହାଁ ଥାନା ପୋଲିସ କୁକୁଡ଼ା ଚୋରି ମାମଲାରେ ୨ ଜଣକୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ପୋଲିସ କହିଛି, କୁକୁଡ଼ା ଫାର୍ମ କରିଥିବା କାକୁଡିଆ ଗ୍ରାମର ମୋହନ ପ୍ରଧାନଙ୍କ ଫାର୍ମରୁ ଏକ କମ୍ପାନୀ କର୍ତ୍ତୃପକ୍ଷ କୁକୁଡ଼ା ନେଉଥିବା ବେଳେ ଚାଙ୍ଗୁଡିଆ ନିକଟରେ କେତେଜଣ ଦୁର୍ବୃତ୍ତ ଗାଡିକୁ ଅଟକାଇ କୁକୁଡ଼ା ଲୁଟି ନେଇଥିଲେ। ଏ ନେଇ ଗତ ଅକ୍ଟୋବର ୨୫ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ. ୨୯୦/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମାମଲାର ତଦନ୍ତ କରି ଏସ୍‌ଆଇ ତ୍ରିଲୋଚନ ଖଟୁଆ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଛେଣ୍ଡିପଦା ଥାନା ବାଗେଡିଆ ଗ୍ରାମର ବିଭୂତି ଭୂଷଣ ସାହୁ(୩୦) ଓ ଚାଙ୍ଗୁଡିଆ ଗ୍ରାମର ଶଙ୍କର ସାହୁ(୪୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଚଢ଼ାଉ

ଛେଣ୍ଡିପଦା,୧୬ା୧୨,(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଚଢାଉ କରାଯାଇ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନୁଗୋଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନଞ୍ଜୟ ବେହେରାଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ କୁମଣ୍ଡଠାରୁ ଛେଣ୍ଡିପଦା ପର୍ଯ୍ୟନ୍ତ ୬୩ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ରାଶନ ଦୋକାନ ଆଦିରେ ଯାଞ୍ଚ କରିଥିଲା। ବିଶେଷକରି ମାପ ଓଜନ, ଖାଦ୍ୟର ମାନ, ପରିଷ୍କାର ପରିଚ୍ଛନ୍ନତା ଦେଖିବା ସହ ଏହାକୁ ଠିକ୍ ଭାବେ ପାଳନ କରି ନ ଥିବା ଦୋକାନୀମାନଙ୍କ ଠାରୁ ୮ ହଜାର ଟଙ୍କା ଜରିମାନା ଆଦାୟ କରିଥିଲା। ଏହି ଚଢାଉରେ ଖାଦ୍ୟ ଓ ଯୋଗାଣ ବିଭାଗ ନିରୀକ୍ଷକ ହରପ୍ରିୟା ବେହେରା, ନିରୀକ୍ଷକ ସୁମିତ ସୌରଭ ବେହେରା, ଏମ୍‌ଟିଏସ୍ ନୀଳାମ୍ବର ପ୍ରଧାନ, ଅନୁଗୋଳ ଅବକାରୀ ବିଭାଗ କର୍ମଚାରୀ ଏବଂ ପୋଲିସ ଫୋର୍ସ ସାମିଲ ଥିଲେ। ତେବେ ଚଢାଉ ବେଳେ ଅଧିକାଂଶ ଦୋକାନୀ ଜରିମାନା ଦେବା ଭୟରେ ଦୋକାନ ବନ୍ଦ କରିଦେଇଥିଲେ। ତେବେ ଛେଣ୍ଡିପଦାରେ ଖୁବ୍‌ଶୀଘ୍ର ଏକ କ୍ୟାମ୍ପ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ।



ବିବିଧ ଶୃଙ୍ଖଳା ଟିମ୍ ପକ୍ଷରୁ ଯାଞ୍ଚ କରାଯାଉଛି।

## ଛେଣ୍ଡିପଦାରେ ରାଜସ୍ଥାନ ପୋଲିସ

ଛେଣ୍ଡିପଦା,୧୬ା୧୨,(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ସପୋଇନାଳି ଗ୍ରାମରେ ଶୁକ୍ରବାର ରାଜସ୍ଥାନ ପୋଲିସ ପହଞ୍ଚି ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ତନାଘନା ଆରମ୍ଭ କରିଛି। ପୂର୍ବରୁ ସପୋଇନାଳି ଗ୍ରାମର ଚିତ୍ତରଞ୍ଜନ ସାହୁ(ପିଣ୍ଟୁ)ଙ୍କ ନାମରେ ଏକ ଗଞ୍ଜେଇ ମାମଲା ରହିଥିଲା। ରାଜସ୍ଥାନ ପୋଲିସ ୨୦୨୦ରେ ତାଙ୍କ ଘର ଉପରେ ଚଢ଼ାଉ କରିଥିଲା। ହେଲେ ଚିତ୍ତରଞ୍ଜନ କୌଶଳ କରି ଖସି ଯାଇଥିଲେ। ୨୭ ନଭେମ୍ବର ୨୦୨୧ରେ ଚିତ୍ତରଞ୍ଜନଙ୍କ ଘରେ ଛେଣ୍ଡିପଦା ପୋଲିସ ଏବଂ ମାଜିଷ୍ଟ୍ରେଟ ଚଢ଼ଉ କରି ତାଙ୍କ ସମ୍ପତ୍ତି, ଟେଣ୍ଟ ସାମଗ୍ରୀ, ମିନି ଟ୍ରକ, ଟ୍ରାକଟର, କାର ଆଦି ଜବତ କରିଥିଲେ। ପରେ ୨୦୨୨ ଜାନୁୟାରୀ ୬ରେ ରାଜସ୍ଥାନ ପୋଲିସ ଚିତ୍ତରଞ୍ଜନଙ୍କ ଘରେ ଲଟ୍‌କା ଜାରି କରିଥିଲା। ଏ ପର୍ଯ୍ୟନ୍ତ ଚିତ୍ତରଞ୍ଜନଙ୍କ ପତ୍ତା ମିଳୁ ନ ଥିବା ବେଳେ ଶୁକ୍ରବାର ରାଜସ୍ଥାନ ପୋଲିସ ସପୋଇନାଳି ଗ୍ରାମକୁ ଆସି ବିଭିନ୍ନ ଲୋକଙ୍କୁ ପଚାରି ବୁଝିବା ସହିତ ଶିମିଳିପାଳ ସରପଞ୍ଚ ଗିରୀଶ ଚନ୍ଦ୍ର ପ୍ରଧାନଙ୍କୁ ପଚରାଉଚୁରା କରି ଫେରିଯାଇଛି।

## ପ୍ରକ୍ରିୟା ଆରମ୍ଭରୁ ପକ୍ଷପାତ

■ପୁଣି ବିବାଦରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ
■ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ପ୍ରିଣ୍ଟିଂ ଟେଣ୍ଡର ପାଇଁ ଚକ୍ରାନ୍ତ ଅଭିଯୋଗ

ଅନୁଗୋଳ ଅଫିସ, ୧୬ା୧୨



ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଟିକେଟ୍, ଫର୍ମ, ପୋଷ୍ଟର, ବ୍ୟାନର ଆଦି ପ୍ରିଣ୍ଟିଂ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇଛି। ହେଲେ ଆରମ୍ଭରୁ ହିଁ ଏଥିରେ ପକ୍ଷପାତ କରାଯାଉଥିବା ନେଇ ଅଭିଯୋଗ ଉଠିଲାଣି। ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଏହି ଟେଣ୍ଡର ପୁଣି ଦେବାକୁ କେତେଜଣ ଅଧିକାରୀ ଏହି ଚକ୍ରାନ୍ତ ଚଳାଇଛନ୍ତି। ଏପରି କି ସମ୍ପୃକ୍ତ ଠିକାଦାରଙ୍କୁ ଡାକି ଏ ସମ୍ପର୍କରେ ସେମାନେ ଆଲୋଚନା କରିଥିବା ଚର୍ଚ୍ଚା ଜୋର୍ ଧରିଛି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟ ପୁଣି ବିବାଦ ଘେରକୁ ଆସିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ସହ ଉପଖଣ୍ଡ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବହାର ହେଉଥିବା ଟିକେଟ୍, ଫର୍ମ, ପୋଷ୍ଟର, ବ୍ୟାନର ଆଦି ପ୍ରିଣ୍ଟିଂ ପାଇଁ ପୂର୍ବରୁ ହୋଇଥିବା ଟେଣ୍ଡର ଅବଧି କେବେଠାରୁ ସରିଲାଣି। ହେଲେ ଏକ ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇବା ପାଇଁ ବିନା ଟେଣ୍ଡରରେ ଉକ୍ତ କାର୍ଯ୍ୟ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ 'ଧରିତ୍ରୀ'ରେ ଗତ ୧୩ ତାରିଖରେ ଖବର ପ୍ରକାଶ ପରେ ଟେଣ୍ଡର କରାଯିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପରେ ଚାପ ବଢ଼ିଥିଲା। ଏପରି କି ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ମୁଖ୍ୟ ଚିକିତ୍ସାଳୟର କେତେଜଣ ଅଧିକାରୀ ଉକ୍ତ ଟେଣ୍ଡର ଯେପରି ପୁଣି ସମ୍ପୃକ୍ତ ଠିକାଦାର ହାତେଇବେ ସେ ଦିଗରେ କାର୍ଯ୍ୟ କରିବା ଆରମ୍ଭ କରିଦେଇଥିବା କୁହାଯାଉଛି। ସେମାନେ ଠିକାଦାରଙ୍କୁ ଫୋନ୍ କରି ଡକାଇବା ସହ ଆଲୋଚନା ବେଳେ ଟେଣ୍ଡର ମିଳିବାର ପ୍ରତିଶ୍ରୁତି ମଧ୍ୟ ଦେଇଥିବା ଚର୍ଚ୍ଚା ହେଉଛି। ଶୁକ୍ରବାର ଏହି ଘଟଣା ସହରରେ ଆଲୋଚନାର ବିଷୟ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ କହିଛନ୍ତି, ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। କିନ୍ତୁ କୌଣସି ଠିକାଦାରଙ୍କୁ ସୁହାଇଲା ଭଳି ଟେଣ୍ଡର କରାଯାଉଥିବା ସମ୍ପର୍କରେ କିଛି ଜାଣିନାହିଁ।

## ୧୦ ବର୍ଷ ପରେ ଜବରଦଖଲ ଉଚ୍ଛେଦ

ତାଳଚେର, ୧୬ା୧୨ (ନି.ପ୍ର.)

ତାଳଚେର ବ୍ଲକ ବଡ଼ଯୋରଡ଼ା ଗ୍ରାମରେ ଥିବା ଶଗଡ଼ ରାସ୍ତାକୁ ଦୀର୍ଘ ୧୦ ବର୍ଷ ହେବ କେତେଜଣ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିଲେ। ଉକ୍ତ ରାସ୍ତାରେ ସେମାନେ ସ୍ଥାୟୀ ଗୃହ ଓ ପାଚେରି ନିର୍ମାଣ କରିଥିଲେ। ଫଳରେ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ବହୁବାର ପ୍ରଶାସନ ନିକଟରେ ଦାବି କରିଥିଲେ। ହେଲେ କୌଣସି ସୁଫଳ ମିଳି ପାରୁ ନ ଥିଲା। ତେବେ କେତେଜଣ ଗ୍ରାମବାସୀ ପୁନର୍ବାର ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ ଓ ତହସିଲଦାର ଦାଶରଥି ଜେନାଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଏହାପରେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ତହସିଲଦାର ଜେନା ତୁରନ୍ତ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ଜବରଦଖଲକାରୀମାନଙ୍କୁ ନୋଟିସ୍ କରି ଜରିମାନା ପକାଇବା ସହ ସରକାରୀ ନିୟମ ଅନୁଯାୟୀ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ସହଯୋଗ କରିବାକୁ ତାଗିଦ୍ କରିଥିଲେ। ଏହାପରେ ତହସିଲ ଓ ଉପଖଣ୍ଡ ପୋଲିସ ପ୍ରଶାସନର ଏକ ମିଳିତ ଟିମ୍ ବଡଯୋରଡ଼ା ଗ୍ରାମକୁ ଯାଇ ଜବରଦଖଲ ଉଚ୍ଛେଦ କରିଥିଲା। ପ୍ରଶାସନର ଏଭଳି ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିବା ସହ ଉପଜିଲାପାଳ, ତହସିଲଦାର ଓ ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜବରଦଖଲକାରୀ ପ୍ରଶାସନକୁ ସହଯୋଗ କରୁଥିବା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।



ବଡ଼ଯୋରଡ଼ା ଗାଁରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ଉଦ୍ଧାର କୌଶଳ ଦେଖାଇଲେ ଯବାନ

କଣିହାଁ, ୧୬ା୧୨ (ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ଜଳଭଣ୍ଡାରରେ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି) ପକ୍ଷରୁ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଣ୍ଡୁଳିସ୍ଥିତ ଏନ୍‌ଡିଆର୍‌ଏଫ୍ ୨୩ ନମ୍ବର ବାଟାଲିୟନର ଯବାନଙ୍କ ଦ୍ୱାରା ବନ୍ୟା ସମୟରେ ଓ ଡ୍ୟାମ୍ ଜଳଭଣ୍ଡାର ମଧ୍ୟରୁ କିପରି ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ତାହାର ବହୁ ଶିକ୍ଷଣୀୟ ଉପାୟ ପ୍ରଦର୍ଶନ କରିଥିଲେ। ଏନ୍‌ଡିଆର୍‌ଏଫ୍ ଟିମ୍ ସଦସ୍ୟମାନେ ରିମୋଟ କଣ୍ଟ୍ରୋଲ ଲାଇଫ୍ ବୟର ବ୍ୟବହାର, ଉଦ୍ଧାର କରିବାର ସହଜ ଉପାୟ ସମ୍ପର୍କରେ ସଚେତନ କରିଥିଲେ। ବିଶେଷକରି ବନ୍ୟା ବିପତ୍ତି ସମୟରେ ଗାଁମାନଙ୍କରେ ଉପଲବ୍ଧ ପ୍ଲାଷ୍ଟିକ ବୋତଲ, ଜାରକିନ, କାଠବିଡା, ମୋଟର ଟ୍ୟୁବ ଆଦିକୁ ଠିକ୍ ଭାବେ କିପରି ବ୍ୟବହାର କରି ଧନଜୀବନ ରକ୍ଷା କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏନ୍‌ଡିଆର୍‌ଏଫ୍ ଟିମ୍ କମାଣ୍ଡର ସୁବ୍ରତ କୁମାର ଭୋଇ, ସବ୍‌ଇନ୍ସପେକ୍ଟର ସତ୍ୟବ୍ରତ ବେହେରା, ଜଗଦୀପ ମେରୁପାଲି ଓ ଅନ୍ୟ ସହଯୋଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଓଏଚ୍‌ପିସି ସାଧାରଣ ପରିଚାଳକ ରଞ୍ଜନ କୁମାର ପରିଡା, ଅତିରିକ୍ତ ସାଧାରଣ ପରିଚାଳକ ସୁବ୍ରତ ଷଡଙ୍ଗୀ, ବନ୍ଧ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜଗନ୍ନାଥ ପଣ୍ଡା, ମାନବ ସମ୍ବଳ ଅଧିକାରୀ ନୀଳିମା ଦେନାଥ, ଅର୍ଥ ବିଭାଗ ପରିଚାଳକ ମୁକ୍ତିକାନ୍ତ ଅଗସ୍ତି ପ୍ରମୁଖ ଯୋଗ ଦେଇଥିଲେ। ଓଏଚପିସିର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।



ରେଙ୍ଗାଳି ଡ୍ୟାମ୍ ନିକଟରେ ଉଦ୍ଧାର କୌଶଳ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ବାଲ୍‌ବର୍ଗରେ ସତ୍ୟବ୍ରତ, ସୋନାଲି, ରିଶାନ୍ତଙ୍କ କୃତିତ୍ୱ

**ଢେଙ୍କାନାଳ ଅଫିସ୍‌, ୧୬।୧୨:** ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ ଆମ୍ବପଡ଼ା ସରସ୍ୱତୀ ଶିଶୁ ମନ୍ଦିରର ୧୩ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଏବ ସରପଞ୍ଚ ମୀନକେତନ ସ୍ୱାଇଁ, ସମ୍ମାନିତ ଅତିଥି ସାମାଜିକ କର୍ମୀ ମନୋରଞ୍ଜନ ବେହେରା ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାର ଶୁଭାରମ୍ଭ କରିଥିଲେ। ଦୌଡ଼, ଉଚ୍ଚଡିଆଁ, ଲମ୍ଫଡିଆଁ, ସଟ୍‌ପୁଟ୍‌, ଡିସକସ୍‌ ଥ୍ରୋ ଆଦି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବାଲ୍‌ବର୍ଗରେ ସତ୍ୟବ୍ରତ ବେହେରା, ସୋନାଲି ସାହୁ, ରିଶାନ୍ତ ପଣ୍ଡା, ଶିଶୁ ବର୍ଗରେ ଶ୍ରୀୟାଂଶୁ ଶୁଭଙ୍କର ପଣ୍ଡା, କ୍ରିଷ୍ଣା ପରିଡ଼ା, ଓମ୍‌ଶଙ୍କର ମହାନ୍ତି, ସତ୍ୟବ୍ରତ ମହାନ୍ତି, ସ୍ୱାଧୀନ ଶୁଭସ୍ମିତା ନାୟକ କୃତିତ୍ୱ ଅର୍ଜନ କରିଛନ୍ତି। ଶିକ୍ଷାନୁଷ୍ଠାନ ସଭାପତି ନିତ୍ୟାନନ୍ଦ ଦାଶ, ଉପସଭାପତି ଦିବାକର ପାତ୍ର, ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ପ୍ରଧାନ ଆଚାର୍ଯ୍ୟା ରୀନା ସ୍ୱାଇଁ, କ୍ରୀଡ଼ା ଶିକ୍ଷକ ବୁଦ୍ଧିମନ୍ତ ସାହୁ, ପ୍ରକାଶ ପଣ୍ଡା, ଶିକ୍ଷୟିତ୍ରୀ ମୌସୁମୀ ପତି, ସସ୍ମିତା ପାଣିଗ୍ରାହୀ, ଗୁନୁତା ମହାନ୍ତି, ସସ୍ମିତା ପାଢ଼ୀ, ଟୁକୁନା ପୃଷ୍ଟି, ବନସ୍ମିତା ସାମଲ ପ୍ରମୁଖ ସହଯୋଗ କରିଥିଲେ।

### କମ୍ପ୍ୟୁଟର ସାଇନ୍ସରେ ବ୍ୟାପକ ସୁଯୋଗ ରହିଛି

**ଢେଙ୍କାନାଳ ଅଫିସ, ୧୬।୧୨:** ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି କଲେଜ କମ୍ପ୍ୟୁଟର ସାଇନ୍ସ ବିଭାଗର ନବାଗତଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ମଧୁସ୍ମିତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ 'କମ୍ପ୍ୟୁଟର ନେଟୱର୍କିଂ' ଶୀର୍ଷକ ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ କଲେଜ ଅଧକ୍ଷ ଡ. ଶମ୍ଭୁପ୍ରସାଦ, ସମ୍ମାନିତ ଅତିଥି ସଂସ୍କୃତ ବିଭାଗ ମୁଖ୍ୟ ଡା. ତପନ କୁମାର ପଣ୍ଡା, ମୁଖ୍ୟବକ୍ତା ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ଦାସ ଯୋଗଦେଇଥିଲେ। ସାମ୍ପ୍ରତିକ ସମୟରେ କମ୍ପ୍ୟୁଟର ଜ୍ଞାନକୌଶଳର ଚାହିଦା ଅଧିକ। ଏଥିରେ କ୍ୟାରିୟର ଗଠନ ଲାଗି ବ୍ୟାପକ ସୁଯୋଗ ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଜ୍ଞା ପାରମିତା, ଅତନୁ ସବ୍ୟସାଚୀ, ସୁବ୍ରତ ବେହେରା, ଅଭିମନ୍ୟୁ ସାହୁ, ଶୁଭ୍ରାଂଶୁ ସାହୁ ସ୍ୱରଚିତ ନିବନ୍ଧ ପାଠ କରିଥିଲେ। ଅଧ୍ୟାପିକା ନିକିତା ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଦ୍ୱିତୀୟ ବର୍ଷ ଛାତ୍ରୀ ମୋନାଲିସା ରାଉତ ସଂଯୋଜନା କରିଥିଲେ।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ସାତମାଇଲ, ୧୬।୧୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ଦୁଦୁରକୋଟ ପଞ୍ଚାୟତ ଜନତାରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଝୁନୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ଗାୟତ୍ରୀ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମିଶ୍ର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ।

# 'ଟମାଟୋ ଭିଲେଜ୍‌' ଏବେ ଟାଙ୍ଗରା

- ମାଝିସାହିରେ କବିକାଶ
- ଶୀତଳଭଣ୍ଡାରକୁ ଚାହିଁ ଦୁଇଦଶନ୍ଧି
- ଚାଷ ଛାଡ଼ି ମୂଲ ଲାଗୁଛନ୍ତି ଚାଷୀ

ରତନ ନାୟାର
ଢେଙ୍କାନାଳ ଅଫିସ, ୧୬।୧୨



ଆଦିବାସୀ ଗ୍ରାମ ମାଝିସାହି।

ଢେଙ୍କାନାଳ ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ବଣପାହାଡ଼ ଘେରା ଜଙ୍ଗଲ ଅଧ୍ୟୁଷିତ ଆଦିବାସୀ ଗାଁ ମାଝିସାହି। ଜନସଂଖ୍ୟା ପାଖାପାଖି ୫୦୦। ଟମାଟୋ ଚାଷରେ ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଏହି ଗ୍ରାମରେ ମୁହଁମାଡ଼ି ପଡ଼ିଛି ବିକାଶ। ପ୍ରଶାସନିକ ଅବହେଳା ଯୋଗୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୃଷିରେ ଏହି ଅଞ୍ଚଳ ପଛୁଆ ହୋଇଯାଇଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରଶାସନ ସହାୟତାରେ ଏକ ପୋଖରୀ ମଧ ଖନନ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ସହାୟତା ପାଇବା ପରେ ଉତ୍ସାହିତ ଚାଷୀ ବିପୁଳ ଜମିରେ ପରିବା ଚାଷ ଆରମ୍ଭ କଲେ। ଫସଲ ମଧ ଆଶାଜନକ ଉତ୍ପାଦନ ହେଲା। ହେଲେ ଏହାକୁ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର

> କେବେ ଏଠାରେ ଫଳୁଥିଲା କିଆରି କିଆରି ବିଲାତି। ଆଦିବାସୀପଡ଼ାର ଏହି ସୁଆଦିଆ ପରିବା ରପ୍ତାନି ହେଉଥିଲା ରାଜ୍ୟର ବିଭିନ୍ନ ସ୍ଥାନକୁ। ଟମାଟୋ ଉତ୍ପାଦନକୁ ନେଇ ପ୍ରସିଦ୍ଧି ଅର୍ଜନ କରିଥିବାରୁ ଗାଁକୁ କୁହାଯାଉଥିଲା 'ଟମାଟୋ ଭିଲେଜ'। ଇତିମଧ୍ୟରେ ବିତିଯାଇଛି ଦୀର୍ଘ ଦୁଇ ଦଶନ୍ଧି। ସମୟ ଗଡ଼ିବା ସହିତ ଚାଷୀ ହୋଇଛନ୍ତି ହତାଦରର ଶିକାର। ପୂର୍ବଭଳି ଆଉ ସେମାନଙ୍କୁ ମିଳୁନାହିଁ କୃଷି ପରାମର୍ଶ କି ପ୍ରୋତ୍ସାହନ ଦେବାକୁ ଆଗଭର ହେଉନାହିଁ ପ୍ରଶାସନ। ଫସଲ ସାଇତି ରଖିବା ଲାଗି ଶୀତଳଭଣ୍ଡାର ପ୍ରତୀକ୍ଷାର ଅନ୍ତ ହେଉ ନ ଥିବାବେଳେ ବାଟ ହୁଡ଼ିଛି ଚାଷ। ଯେଉଁ ଜମିରେ ଦିନେ ସୁନାର ଫସଲ ଫଳୁଥିଲା, ତାହା ଏବେ ଟାଙ୍ଗରା ଭୂଇଁ। ଢେଙ୍କାନାଳ ଜିଲା ସଦରଠାରୁ ମାତ୍ର ୧୨ କିମି ଦୂର ପାହାଡ଼ ତଳି ଆଦିବାସୀ ଗ୍ରାମ ମାଝିସାହିରେ ଦେଖିବାକୁ ମିଳିଛି ଚାଷୀଙ୍କୁ ଅବହେଳାର ଏଭଳି ଚିତ୍ର।

୨୦୦୦ ବେଳର କଥା। ଉନ୍ନତ କିସମର ଟମାଟୋ ଉତ୍ପାଦନରେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିଲା ମାଝିସାହି। ପ୍ରଚୁର ପରିମାଣର ବାଇଗଣ, କନ୍ଦମୂଳ ମଧ ଚାଷ ହେଉଥିଲା। ୨୦୦୪ରେ ତତ୍କାଳୀନ ଜିଲାପାଳ ଉଷା ପାଢ଼ୀ ଏହା ଜାଣିବା ପରେ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ପରିବା ଚାଷକୁ ପ୍ରୋତ୍ସାହିତ କରିବା ଲାଗି ନ ଥିବାରୁ ଅମଳ ସମୟରେ ଚାଷୀ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ ହେଲେ। ସେହିପରି ତିରୋଟ ସମୟରେ ପରିବା ଦର ଅମୂଲ ମୂଲ ହେଲା। ବର୍ଷକୁ ବର୍ଷ କ୍ଷତି ସହୁଥିବା ଚାଷୀମାନେ ନିରାଶ ହୋଇ ଶେଷରେ ପରିବା ଚାଷରୁ ମୁହଁ ଫେରାଇବାକୁ ଲାଗିଲେ। ଜୀବନଜୀବିକା ପାଇଁ ସଂଘର୍ଷ କରୁଥିବାବେଳେ ହାତୀ ଉପଦ୍ରବରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଲା। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀ ନିଜ ପାଇଁ ନିଜେ ନ୍ୟାୟରେ ଏକାଠି ହେଲେ। ଅର୍ଥ ଏବଂ ଶ୍ରମଦାନ କରି ଗ୍ରାମ ଚାରିପଟେ ସୋଲାର ଫେନ୍‌ସିଂ ବ୍ୟବସ୍ଥା କରାଇଲେ। ଏହାପରେ ଯଦିଓ ହାତୀ ଉପଦ୍ରବ କମିଛି, ହେଲେ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ଚାଷୀ ଆଉ କ୍ଷେତକୁ ଫେରିପାରୁନାହାନ୍ତି। କିଏ ମୂଲମଜୁରି ଲାଗିଲାଣି ତ ଆଉ କିଏ ପେଟପାଟଣା ଚିନ୍ତାରେ ବାହାର ରାଜ୍ୟରେ ଦାଦନ ଖଟିବାକୁ ଚାଲିଗଲେଣି। ଏସବୁ ଭିତରେ ଗ୍ରାମବାସୀଙ୍କ ପାଇଁ ଏବେ ନୂଆ ସମସ୍ୟା ଭାବେ ଉଭା ହୋଇଛି କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ କୃଷିଭିତ୍ତିକ ଇଥାନଲ୍ କମ୍ପାନୀ। କମ୍ପାନୀ ହେଲେ ଚାଷ ଉଜୁଡ଼ିଯିବ। ପରିବେଶ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରି ଏହାକୁ ବିରୋଧ କରୁଛନ୍ତି। କେବଳ କୃଷି ନୁହେଁ, ଗ୍ରାମର ଶିକ୍ଷାସ୍ଥିତି ମଧ ଭଲ ନୁହେଁ। ଏଠାରେ ଥିବା ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ୬ମାସ ହେଲା ମୃତ୍ୟୁ ହୋଇଯାଇଥିବାବେଳେ ଅଦ୍ୟାବଧି ନୂତନ ନିଯୁକ୍ତି ଦିଆଯାଇନାହିଁ। ସେହିପରି ପ୍ରଥମରୁ ପଞ୍ଚମ ଥିବା ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ମାତ୍ର ଜଣେ ଶିକ୍ଷକଙ୍କ ଦ୍ୱାରା ଚାଲିଛି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି।

ଏଭଳି ଏକାଧିକ ସମସ୍ୟାରେ ଛନ୍ଦି ହୋଇପଡ଼ିଥିବା ମାଝିସାହିବାସୀ ଏଥିରୁ ମୁକୁଳିବାର ବାଟ ପାଉ ନ ଥିବାବେଳେ କୌଣସି ଜନପ୍ରତିନିଧି ସହଯୋଗର ହାତ ବଢ଼ାଉ ନ ଥିବା ଅଭିଯୋଗ ହେଉଛି। ଇତିମଧ୍ୟରେ ସାଧାରଣ ନିର୍ବାଚନକୁ ପାଖାପାଖି ୪ ବର୍ଷ ବିତିଯାଇଥିବାବେଳେ ଅଦ୍ୟାବଧି ଗ୍ରାମରେ ବିଧାୟକ କିମ୍ବା ଏମ୍‌ପିଙ୍କ ପାଦ ପଡ଼ି ନ ଥିବା ଗ୍ରାମବାସୀ କହିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଏକଦା ପରିବା ଚାଷରେ ଜିଲାକୁ ଗର୍ବିତ କରୁଥିବା ମାଝିସାହି ଦାଦନ ଶ୍ରମିକଙ୍କ ଗାଁ ଭାବେ ଦୁର୍ନାମ ମୁଣ୍ଡାଇବ ବୋଲି କ୍ଷୋଭର ସହ କହିଛନ୍ତି ଅଞ୍ଚଳବାସୀ।

## ସ୍ୱପ୍ନ ଦେଖୁଛନ୍ତି ବି.ଟେକ୍ ପଢୁଆ ୱାର୍ଡସଭ୍ୟ



ସଞ୍ଜୀବ ଟୁଡୁ।

ଶିକ୍ଷାଗତ ଯୋଗ୍ୟତା ବି.ଟେକ୍। ହେଲେ ଚାକିରି ମିଳୁନାହିଁ। ଗାଁରେ ପୁଳା ପୁଳା ସମସ୍ୟା। ପ୍ରଶାସନ ଶୁଣୁନାହିଁ କି ସମାଧାନର ବାଟ ମିଳୁନାହିଁ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ମାଝିସାହି ଗ୍ରାମର ଉଚ୍ଚଶିକ୍ଷିତ ଯୁବକ ସଞ୍ଜୀବ ଟୁଡୁ ଓହ୍ଲାଇଛନ୍ତି ରାଜନୀତିକୁ। ଗତ ପଞ୍ଚାୟତ ନିର୍ବାଚନରେ ସେ ୱାର୍ଡମେମ୍ବର ଭାବେ ବିଜୟୀ ହୋଇ ଲୋକଙ୍କ ସେବାରେ ଲାଗିପଡ଼ିଛନ୍ତି। ମାଟି ମୋହରେ ପଡ଼ିଥିବା ଏହି ଶିକ୍ଷିତ ଯୁବକ ଏବେ ଗାଁରେ ଚାଷବାସ କରି ମେଣ୍ଟାଉଛନ୍ତି ଗୁଜୁରାଣ। କେବଳ ଶିକ୍ଷାରେ ନୁହେଁ, ଜଣେ ଅନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ଭାବେ ଫ୍ରାନ୍ସ ଓ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି ସଞ୍ଜୀବ। କିଟ୍‌ରୁ ବି.ଟେକ୍ ପାସ୍ କରିବା ପରେ କିସ୍ ତରଫରୁ ସେ ଖେଳିଛନ୍ତି ବହୁ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚ୍। ଏ ସବୁସତ୍ତ୍ୱେ ତାଙ୍କ ଦକ୍ଷତାକୁ ଚିହ୍ନିପାରୁନାହିଁ ପ୍ରଶାସନ। ତଥାପି ଗାଁକୁ ନେଇ ସୁନେଲି ସ୍ୱପ୍ନ ଦେଖିବା ଛାଡ଼ିନାହାନ୍ତି ସେ। ନିଜ ପ୍ରତିକ୍ରିୟାରେ ସଞ୍ଜୀବ କୁହନ୍ତି, ଗାଁରେ ବହୁ ଅଭାବ ଅସୁବିଧା ରହିଛି। ଅଧିକାରୀମାନେ ଗ୍ରାମକୁ ଆସି ଧୈର୍ଯ୍ୟର ସହ ସମସ୍ୟା ବୁଝିଲେ ସମାଧାନର ବାଟ ବାହାରିପାରନ୍ତା। ହେଲେ ବାରମ୍ବାର ଜଣାଇବା ସତ୍ତ୍ୱେ କେହି ଦୃଷ୍ଟି ଦେଉନାହାନ୍ତି। ବହୁତ କିଛି କରିବାର ଇଚ୍ଛାଥିଲେ ମଧ ସରକାରୀସ୍ତରରେ କୌଣସି ସୁଯୋଗ କିମ୍ବା ପ୍ରୋତ୍ସାହନ ମିଳୁନାହିଁ ବୋଲି କ୍ଷୋଭର ସହ କହିଛନ୍ତି ସଞ୍ଜୀବ।

### ଚାଷରୁ ଆଗ୍ରହ ତୁଟିଗଲାଣି

"ପଞ୍ଚାୟତ ସମିତି ବୈଠକରେ ବାରମ୍ବାର ସମସ୍ୟା କଥା ଉଠାଇଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଗ୍ରାମବାସୀ ନିରାଶ ହୋଇ ନିଜ ସୁରକ୍ଷା ନିଜେ କରୁଛନ୍ତି। ଶୀତଳଭଣ୍ଡାର ନ ଥିବାରୁ ଚାଷରୁ ଲୋକଙ୍କ ଆଗ୍ରହ ତୁଟିଯାଇଛି। ମହୁଚାଷ, ଛେଳି, କୁକୁଡା ପାଳନ ପାଇଁ ପ୍ରୋତ୍ସାହନ ମିଳୁନାହିଁ। ହାତୀ ଉପଦ୍ରବ ରୋକିବାରେ ବନ ବିଭାଗ ବିଫଳ ହେବାରୁ ଗ୍ରାମବାସୀ ନିଜ ଉଦ୍ୟମରେ ସୋଲାର ଫେନ୍‌ସିଂ ବ୍ୟବସ୍ଥା କରିଛନ୍ତି।

-ଲକ୍ଷ୍ମଣ ଟୁଡୁ, ସମିତିସଭ୍ୟ

### ମିନି ଶୀତଳଭଣ୍ଡାର ପାଇଁ ପ୍ରସ୍ତାବ ଦିଆଯିବ

"୧୫ ଲକ୍ଷ ଟଙ୍କା ବ୍ୟୟରେ ମିନି ଶୀତଳ ଭଣ୍ଡାର ନିର୍ମାଣ ଲାଗି ସରକାରୀ ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ୮ଲକ୍ଷ ୭୫ ହଜାର ଟଙ୍କା ଏବଂ ଅବଶିଷ୍ଟ ୬ ଲକ୍ଷ ୨୫ ହଜାର ଟଙ୍କା ଗ୍ରାମବାସୀ ଦେବେ। ୪ ପଞ୍ଚାୟତରେ ମିନି ଶୀତଳଭଣ୍ଡାର ପାଇଁ ପ୍ରସ୍ତାବ ଦିଆଯାଇଛି। ମାଝିସାହି ଗ୍ରାମବାସୀ ଜଣାଇଲେ ଏଥିଲାଗି ଉଦ୍ୟମ କରାଯିବ। ଅଙ୍ଗନୱାଡି କର୍ମୀ ନିଯୁକ୍ତି ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ।

-ସୁଧୀର କୁମାର ନାୟକ, ବିଡିଓ

### ସୋଲାର ଫେନ୍‌ସିଂ କାମ ଆରମ୍ଭ ହେବ

"ଢେଙ୍କାନାଳ ଜିଲାରେ ୩୦୦ରୁ ଉର୍ଦ୍ଧ୍ୱ ହାତୀ ଅଛନ୍ତି। ହାତୀ ଉପଦ୍ରବରୁ ସୁରକ୍ଷା ଲାଗି ମାଝିସାହି ଗ୍ରାମବାସୀ ନିଜ ତରଫରୁ ସୋଲାର ଫେନ୍‌ସିଂ ବ୍ୟବସ୍ଥା କରିଛନ୍ତି। ଜିଲାର ହାତୀ ଉପଦ୍ରୁତ ଅଞ୍ଚଳରେ ସୋଲାର ଫେନ୍‌ସିଂ ବ୍ୟବସ୍ଥା କରିବା ପାଇଁ ନିକଟରେ ସରକାର ୭୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଅଧିକ ହାତୀ ଉପଦ୍ରବ କରୁଥିବା ଗ୍ରାମଗୁଡ଼ିକୁ ଚିହ୍ନଟ କରି ସୋଲାର ଫେନ୍‌ସି କାମ ଆରମ୍ଭ କରାଯିବ।

-ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଡିଏଫ୍‌ଓ



ଗ୍ରାମରେ ଖନନ କରାଯାଇଥିବା ପୋଖରୀ।

## ପଦାର୍ଥ ବିଜ୍ଞାନ ଆଲୋଚନାଚକ୍ର

ଢେଙ୍କାନାଳ ଅଫିସ, ୧୬।୧୨

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଆନୁକୂଲ୍ୟରେ ଶୁକ୍ରବାର ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରଞ୍ଜିତ କୁମାର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ପୂର୍ଣ୍ଣଚନ୍ଦ୍ର ବରାଳ ବିଷୟବସ୍ତୁ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ବୈଷୟିକ ଅନୁଷ୍ଠାନ ମେଘାଳୟର ସହକାରୀ ପ୍ରଫେସର ଡ. ଅଲେଖ ଚନ୍ଦ୍ର ନାୟକ 'ଦି ହଣ୍ଟ୍ ଫର୍ ଡାର୍କ ମ୍ୟାଟ୍‌ର' ବିଷୟ ଉପରେ ଆଲୋଚନା କରିଥିଲେ। ଡ. ପ୍ରଶାନ୍ତ କୁମାର ପରିଡ଼ା ସଭା ପରିଚାଳନା କରିଥିବାବେଳେ ଡ. ଶିବାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

## ୧୬ ଓ ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟ ୧୮ରୁ

ଢେଙ୍କାନାଳ ଅଫିସ,୧୬।୧୨

ଢେଙ୍କାନାଳ ଷ୍ଟାଡିୟମ୍‌ଠାରେ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବ ୧୬ ଓ ୧୯ବର୍ଷରୁ କମ୍ ବର୍ଗର କ୍ରିକେଟ୍ ଟୁର୍ନାମେଣ୍ଟ। ଏହା ୨୩ ତାରିଖ ଯାଏ ଚାଲିବ। ୪ଟି କ୍ରିକେଟ୍ ଟିମ୍ ମଧ୍ୟରେ ଲିଗ୍ ଭିତ୍ତିରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମ୍ୟାଚ୍‌ଗୁଡ଼ିକ ପୂର୍ବାହ୍ନ ୯ଟାରୁ ଆରମ୍ଭ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

## ୧୦ ଫେରାର ଅଭିଯୁକ୍ତ ଗିରଫ

ଢେଙ୍କାନାଳ ଅଫିସ, ୧୬।୧୨

ଢେଙ୍କାନାଳ ଟାଉନ ଥାନା ଓ ସଦର ଥାନା ଅଞ୍ଚଳରେ ବିଭିନ୍ନ ଆପରାଧିକ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ୧୦ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ତନ୍ମଧ୍ୟରେ ଟାଉନ୍ ଥାନା ଅଞ୍ଚଳର ୩ ଏବଂ ସଦର ଥାନା ଅଞ୍ଚଳର ୭ ଅଭିଯୁକ୍ତ ରହିଛନ୍ତି। ଗିରଫଙ୍କ ମଧ୍ୟରେ ୨୦୧୩ରୁ ଫେରାର ଥିବା ଜଣେ ୱାରେଣ୍ଟି ଅଛନ୍ତି।

## ପିଲାଙ୍କୁ ଲୋଡ଼ା ସଂସ୍କାର ଶିକ୍ଷା



ଢେଙ୍କାନାଳ ଅଫିସ, ୧୬।୧୨

ଗଁଦିଆ ବ୍ଲକ ବାଇଁଶିଆ ବଲ୍ଲଭ ଗ୍ରାମସ୍ଥିତ ଶ୍ରୀଶ୍ରୀ ଜ୍ଞାନ ମନ୍ଦିରରେ ଶୁକ୍ରବାର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପଙ୍କଜ ଚରଣ ଶତପଥୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା, ସମ୍ମାନିତ ଅତିଥି ଅଭିରାମ ପଣ୍ଡା, ସରପଞ୍ଚ ଅନ୍ନପୂର୍ଣ୍ଣା ବେହେରା, ବକ୍ତା ଭାବେ ପୂର୍ବତନ ସରପଞ୍ଚ ସୁବୋଧ ପଣ୍ଡା, ସମର ଶତପଥୀ, ଜିତେନ୍ଦ୍ର ପାଣି ପ୍ରମୁଖ ଯୋଗ ଦେଇଥିଲେ। ସଂସ୍କାର ଦ୍ୱାରା ପିଲାଙ୍କ ଭିତରେ ମାନବିକତା ଭଳି ଗୁଣାବଳୀର ବିକାଶ ହୋଇଥାଏ। ଛାତ୍ରୀଛାତ୍ରଙ୍କୁ ପରିବାରରୁ ସଂସ୍କାରଧର୍ମୀ ଶିକ୍ଷା ଦିଆଯିବା ଉଚିତ ବୋଲି ବକ୍ତାମାନେ ପରାମର୍ଶ ଦେଇଥିଲେ। ସଂଯୋଜକ ଅନ୍ତର୍ଯ୍ୟାମୀ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ନାୟକ, ସୁଦର୍ଶନ ପୃଷ୍ଟି, ତେଜସ୍ୱିନୀ ପଣ୍ଡା, କୁନ୍ତଳା ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଦୀପାଞ୍ଜଳି, ଜ୍ଞାନ, ଆଶା, ଶୁଭମ୍ ଶ୍ରେଷ୍ଠ

ଭୁବନ, ୧୬।୧୨(ଡି.ଏନ.ଏ.)

**୪୦ତମ ବାର୍ଷିକ କ୍ରୀଡ଼ା**

ଢେଙ୍କାନାଳ ଜିଲା ନୂଆ ଭୁବନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ୪୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଜାଭେଲିନ୍, ସଟ୍‌ପୁଟ୍, ଡିସ୍‌କସ୍, ନୃତ୍ୟ, ମ୍ୟୁଜିକ୍ ଚେୟାର ଆଦି ୨୬ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ମୋଟ ୩୫୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବରିଷ୍ଠ ବାଳିକା ବର୍ଗରେ ଦୀପାଞ୍ଜଳି ପୋଥାଳ, ବାଳକରେ ଜ୍ଞାନକୁମାର ମିଶ୍ର, କନିଷ୍ଠ ବାଳିକାରେ ଆଶାରାଣୀ ବେହେରା ଓ ବାଳକରେ ଶୁଭମ୍ ବେହେରା ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଉଦ୍‌ଯାପନୀ ଦିବସରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମହାରଣାଙ୍କ ଅଧ୍ୟକ୍ଷତାରେ ସ୍କୁଲ କମିଟି ସଭାପତି ବିପିନ ବିହାରୀ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଜି ରାଉତ କଲେଜ ଶିକ୍ଷା ବିଭାଗ ଅଧ୍ୟାପକ ଅଲେଖ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ। ମାନସିକ ଓ ଶାରୀରିକ ବିକାଶରେ ଖେଳକୁଦର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସହକାରୀ ଶିକ୍ଷକ ଗୁରୁପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶାରୀରିକ ଶିକ୍ଷା ଶିକ୍ଷୟିତ୍ରୀ ପ୍ରଭାତ ନଳିନୀ ସାହୁ, ଧରିତ୍ରୀ ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ପ୍ରଜ୍ଞାଶ୍ରୀ ପାଲ୍, ଦୀପ୍ତିମୟୀ ବେହେରା, ଶିକ୍ଷକ ନୃସିଂହ ଚରଣ ସାହୁ, ପ୍ରଜିତ୍ କିଶୋର ସାହୁ, ସନ୍ତୋଷ ସାଥୁଆମହାପାତ୍ର, ପ୍ରମୋଦ ମିଶ୍ର, ଜ୍ୟୋତିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଅତିଥି, ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

# ଜଙ୍ଗଲ ଜଗିବେ ଯୁବକ

- ଦୁର୍ଗମ ସୀମାନ୍ତ ଅଞ୍ଚଳରେ ବନ ସୁରକ୍ଷା ଚିନ୍ତା
- ବନ ବିଭାଗ ପକ୍ଷରୁ ଦିଆଯିବ ସ୍ୱତନ୍ତ୍ର ପ୍ରଶିକ୍ଷଣ

ଢେଙ୍କାନାଳ ଅଫିସ, ୧୬।୧୨



ପୁଟିପାଳ ଗ୍ରାମ ରାସ୍ତାରେ ଜିଲାପାଳ, ଜିଲା ବନଖଣ୍ଡ ଅଧିକାରୀଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା ବନ ବିଭାଗକୁ ଘାରିଛି ସୀମାବର୍ତ୍ତୀ ଉପାନ୍ତ ଅଞ୍ଚଳର ଜଙ୍ଗଲ ସୁରକ୍ଷା ଚିନ୍ତା। ବାହାର ଜିଲାର ଶିକାରୀଙ୍କ ଉପଦ୍ରବ ରୋକିବା, ବନାଗ୍ନି କବଳରୁ ଅରଣ୍ୟ ଏବଂ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦେବା ଲାଗି ଏବେ ଉଦ୍ୟମ ଆରମ୍ଭ ହୋଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଯୁବକଙ୍କୁ ନିୟୋଜିତ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୫ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବଣପାହାଡ଼ ଘେରା ଦୁର୍ଗମ ପୁଟିପାଳ, ଏକୁଲ୍, କୋଟ ଗ୍ରାମ କେନ୍ଦୁଝର, ଯାଜପୁର ଓ କଟକ ଜିଲା ସୀମାକୁ ଲାଗିଛି। ଜୈବ ବିବିଧତାରେ ଭରପୂର ଏହି ଅଞ୍ଚଳରେ ପଡ଼ୋଶୀ ଜିଲାର ଶିକାରୀଙ୍କ ଅନୁପ୍ରବେଶ କରୁଛନ୍ତି। ଖରାଦିନେ ଜଙ୍ଗଲ ନିଆଁ ମୁଣ୍ଡବ୍ୟଥାର କାରଣ ସାଜୁଛି। ଏହାର ପ୍ରତିକାର ଲାଗି ସ୍ଥାନୀୟ ଅଞ୍ଚଳର ୫ ଯୁବକଙ୍କୁ ନିୟୋଜିତ କରାଯିବ। ଏଥିପୂର୍ବରୁ ସେମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ। ସମ୍ପୃକ୍ତ ଯୁବକମାନେ ବନ ବିଭାଗ ସହ ସମନ୍ୱୟ ରକ୍ଷା କରି ଜଙ୍ଗଲକୁ ସୁରକ୍ଷା ଦେବେ। ପଡ଼ୋଶୀ ଜିଲାରୁ ପ୍ରବେଶ କରୁଥିବା କାଠ ମାଫିଆଙ୍କୁ ଧରିବାରେ ସହଯୋଗ କରିବେ।

ଜଙ୍ଗଲ ସମ୍ପଦ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ଏକୁଲ ଗ୍ରାମରେ ଫରେଷ୍ଟ ଗାର୍ଡ କ୍ୱାର୍ଟର୍ସ ନିର୍ମାଣ କରାଯାଇଛି। କୋଟ ଏବଂ ବରଡ଼ାକୋଟରେ ବିଶ୍ରାମ ଗୃହ ନିର୍ମାଣ ହୋଇଛି।

ସୂଚନାଯୋଗ୍ୟ, ପ୍ରାୟ ୨୦ଦିନ ତଳେ ଉକ୍ତ ଅଞ୍ଚଳରୁ ବନ୍ଧୁକ ସହ ଦୁଇଜଣ ଶିକାରୀଙ୍କୁ ବନ କର୍ମଚାରୀ ଗିରଫ କରିଥିଲେ। ୪ବର୍ଷ ତଳେ ଏହି ଅଞ୍ଚଳରୁ ଶିକାରୀମାନେ ୨ଟି ବାଘ ଶିକାର କରି ଛାଲକୁ ରାଜ୍ୟ ବାହାରକୁ ଚାଲାଣ କରୁଥିବାବେଳେ ବନ ବିଭାଗ ଜବତ କରିଥିଲା। ଏହି ଘଟଣାରେ ଜଣେ ଶିକ୍ଷକଙ୍କ ସମେତ ୩ଜଣ ବନ୍ଧା ହୋଇଥିଲେ। ସମ୍ପୃକ୍ତ ଅଞ୍ଚଳରେ ପ୍ରାଣୀ ଶିକାରରେ ଅଙ୍କୁଶ ଲଗାଇବା ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ଲାଗି ପ୍ରୟାସ ଜାରି ରହିଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। ଗତ ଗୁରୁବାର ଜିଲାପାଳ ସରୋଜ କୁମାର ସେଠୀ, ଜିଲା ବନଖଣ୍ଡ ଅଧିକାରୀ ପ୍ରମୁଖ ପୁଟିପାଳ ଗସ୍ତ କରି ଉକ୍ତ ଅଞ୍ଚଳର ପ୍ରାକୃତିକ ସମ୍ପଦର ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।

